## ସଂକ୍ଷେପରେ

### ଆଜିଠାରୁ ନାଇଟ୍ କ୍ରିକେଟ୍

**ଅନୁଗୋଳ ଅଫିସ, ୨୩।୩:** ଅନୁଗୋଳ ବିଜୁ ମଇଦାନଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ ନାଇଟ କ୍ରିକେଟ ପ୍ରତିଯୋଗିତା। ଫ୍ଲଡ୍ ଲାଇଟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛା ବଛା ୮ଟି ଦଳ ଭାଗ ନେବେ। ୨୪ ଓ ୨୫ ତାରିଖ ସନ୍ଧ୍ୟାରେ ୩ଟି ଲେଖାଏ ମ୍ୟାଚ ଖେଳାଯିବ। ଆସନ୍ତା ୨୬ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଅନୁଗୋଳ ରୟାଲ ମାଷ୍ଟର୍ସ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲାବେଳେ ଏଥିରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ମିଳିବ। ଏହି ପ୍ରତିଯୋଗିତାକୁ ଉପଭୋଗ କରିବାକୁ ଜିଲାବାସୀଙ୍କୁ କ୍ଲବ ସଭାପତି କମଳାକାନ୍ତ ସାହୁ, ଉପସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ଆଦର୍ଶ ସାହୁ ଓ ସହ ସମ୍ପାଦକ ଚନ୍ଦନ କୁମାର ସାହୁ ଅନୁରୋଧ କରିଛନ୍ତି।

### ଦୁର୍ଘଟଣା ଜନିତ ମୃତ୍ୟୁହାର କମାଇବାକୁ ଆଦେଶନାମା

**ଅନୁଗୋଳ ଅଫିସ, ୨୩।୩:** ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ କରିବା ଦ୍ୱାରା ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ହେଉଛି। ଏଥିସହ ଦୁର୍ଘଟଣାରେ ପ୍ରାଣହାନି ଘଟୁଛି। ଏଣୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର କମ୍ କରିବା ପାଇଁ ଅନୁଗୋଳ ଜିଲାର ଜରପଡ଼ାଠାରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ବ୍ୟବସାୟିକ ଅନୁଷ୍ଠାନ କର୍ତ୍ତୃପକ୍ଷ ନିଜ ନିଜର ଅନୁଷ୍ଠାନକୁ ଆସୁଥିବା ଗାଡ଼ିଗୁଡ଼ିକୁ ଠିକ୍ ପାର୍କିଂ କରିବା ଉପରେ ଦାୟିତ୍ୱ ଗ୍ରହଣ କରିବେ। ତେବେ ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ ଉଭୟ ଚାଳକ ଓ ଅନୁଷ୍ଠାନର ମାଲିକଙ୍କୁ ଦଣ୍ଡିତ କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ମଦ ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ, ୨୩।୩:** ଅନୁଗୋଳ ସଦର-୧ ଅବକାରୀ ବିଭାଗ ପକ୍ଷରୁ ମଦ ଚୋରା ଚାଲାଣ ବେଳେ ଚଢ଼ାଉ କରାଯାଇ ସୁମନ୍ତ ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏଥିସହ ତାଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଗାଡ଼ି (ନଂ. ଓଡି ୧୯ ଏଚ୍- ୫୬୪୦)କୁ ଜବତ କରାଯାଇଛି। ଅନୁଗୋଳ ଅବକାରୀ ଏସ୍‌ପି ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ସୂଚନା ପ୍ରଦାନ କରାଯାଇଛି।

# ସାମାନ୍ୟ ବଚସାରୁ ଗଡ଼ୁଛି ମୁଣ୍ଡ

**୨୦୨୦ରେ ଯାଇଥିଲା ୨ ଭାଇଙ୍କ ଜୀବନ**

**ଅନୁଗୋଳ ଅଫିସ, ୨୩।୩**

ଜମିଜମା ବିବାଦ ହେଉ ଅବା ଅନ୍ୟକିଛି, ସାମାନ୍ୟ ବଚସାରୁ ଗଡ଼ୁଛି ମୁଣ୍ଡ। ଯାଉଛି ଗୋଟିଏ ପରେ ଗୋଟିଏ ଜୀବନ। ଆଇନକୁ ହାତକୁ ନେବାକୁ ଆଦୌ ପଛାଉ ନାହାନ୍ତି ଲୋକେ। ୨୦୨୦ରେ ଜମିଜମା ବିବାଦକୁ ନେଇ ଏପରି ସାମାନ୍ୟ ବଚସାରୁ ଅନୁଗୋଳ ଥାନା ତଥା ବର୍ତ୍ତମାନର ସଦର ଥାନା ମୂଷାପାପୁଲି ଅଞ୍ଚଳରେ ଯାଇଥିଲା ୨ ଭାଇଙ୍କ ଜୀବନ। ଗୁରୁବାର ଜରପଡ଼ା ଥାନା ବଡ଼ହିଂସର ଗ୍ରାମରେ ଜମି ବିବାଦରୁ ଜଣଙ୍କୁ ହତ୍ୟା କରାଯିବା ପରେ ଅନୁଗୋଳ ଜିଲାରେ ଟିକେ ଟିକେ କଥାରେ କିପରି ହତ୍ୟାକାଣ୍ଡ ଘଟିଯାଉଛି ତାହା ଉଦ୍‌ବେଗର ବିଷୟ ହୋଇଛି।



ଜରପଡ଼ା ଥାନା ବଡ଼ହିଂସର ଗ୍ରାମରେ ଘଟିଥିବା ହତ୍ୟା ଘଟଣାର ତଦନ୍ତ ଚାଲିଛି।

୨୦୨୦ ନଭେମ୍ବର ୪ରେ ସେତେବେଳର ଅନୁଗୋଳ ଥାନା ମୂଷାପାପୁଲି ଅଞ୍ଚଳର ଦୁଃଶାସନ ସେନାପତି ଓ ଦୁଷ୍ମନ୍ତ ସେନାପତିଙ୍କୁ ହତ୍ୟା କରାଯାଇଥିଲା। ସନ୍ଧ୍ୟା ସମୟରେ ଦୁଃଶାସନ ବଜାରକୁ ଆସିଥିବାବେଳେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ଖବରପାଇ ଦୁଷ୍ମନ୍ତ ଘରୁ ଧାଇଁ ଆସିବା ସମୟରେ ତାଙ୍କୁ ମଧ ଗୁଳି ମାଡ଼ କରାଯାଇଥିଲା। ଘଟଣାସ୍ଥଳରେ ଦୁଃଶାସନ ଟଳି ପଡ଼ିଥିବାବେଳେ ଦୁଷ୍ମନ୍ତ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ଜମିଜମା ବିବାଦକୁ ନେଇ ସେମାନଙ୍କ ସମ୍ପର୍କୀୟ ୨ ଭାଇ ସଜନ ସେନାପତି ଓ ସନ୍ତୋଷ ସେନାପତି ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ କହିବା ସହ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କ ସହଯୋଗୀ ଦିବସ ସାହୁ ଓ ସୁଶାନ୍ତ ପଲେଇଙ୍କୁ ମଧ ଗିରଫ କରାଯାଇଥିଲା। ସେତେବେଳେ ଏହି ଘଟଣା ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଉକ୍ତ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଗୁରୁବାର ଜରପଡ଼ା ଥାନା ବଡ଼ହିଂସରରେ ମାତ୍ର ଅଢ଼େଇ ଫୁଟର ଜମିକୁ ନେଇ ହତ୍ୟାକାଣ୍ଡ ଘଟିବା ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ କହିଛନ୍ତି, ଲୋକମାନେ ହଠାତ୍ ଉତ୍ତ୍ୟକ୍ତ ହୋଇପଡୁଥିବାରୁ ଏଭଳି ଘଟଣା ଘଟୁଛି। ରାଗବେଳେ ଏଭଳି କାଣ୍ଡରୁ ନିବୃତ୍ତ ରହିବାକୁ ବିଭିନ୍ନ ସମୟରେ କୁହାଯାଉଛି। ଆଇନକୁ ହାତକୁ ନିଅନାହିଁ ବୋଲି ଲୋକଙ୍କୁ ସଚେତନ କରାଯାଉଛି। ଏପରି ସମସ୍ୟା ହେଲେ ଆଇନର ସହାୟତା ନେବାକୁ ପରାମର୍ଶ ଦିଆଯାଉଛି। କିନ୍ତୁ କେତେକ କ୍ଷେତ୍ରରେ ଲୋକମାନେ ସାମାନ୍ୟ ବଚସାରୁ ଏଭଳି ହତ୍ୟାକାଣ୍ଡ ଘଟାଉଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

## ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶହୀଦ ଦିବସ

**ତାଳଚେର, ୨୩।୩ (ନି.ପ୍ର.)**

ତାଳଚେର ପୌରାଞ୍ଚଳ ହାଟତୋଟାସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶହୀଦ ସ୍ତମ୍ଭଠାରେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ସଦସ୍ୟମାନେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶହୀଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାସହିତ ନିକଟରେ ଥିବା କାରଗିଲ ଶହୀଦ ରଞ୍ଜନ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମଧ ସଦସ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମାଟି ମାତୃଭୂମି ସେବା ପାଇଁ ସଂକଳ୍ପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମାଜିକ କର୍ମୀ ଶୋଭାଗିନୀ ଦେବୀ, ଶରତ ଚନ୍ଦ୍ର ଦାସ, ପଙ୍କଜ ନାଏକ, ଜିଲା ସଙ୍ଗଠନର ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାପାତ୍ର, ଆଲୋକ ଭୂତିଆ, ଚୁକୁନ ମହାପାତ୍ର, ଅନୁକୂଳ ନାଏକ, ଅକ୍ଷୟ ନାଏକ, ଶ୍ରୀତମ ନାଏକ, ରିଙ୍କୁ ନାଏକ ପ୍ରମୁଖ ଯୋଗଦେଇଥିଲେ।



ଏଏପି ପକ୍ଷରୁ ଶହୀଦ ଦିବସ ପାଳନ କରାଯାଉଛି।

## ମଦ୍ୟପ ଚାଳକଙ୍କୁ ଧରିବାକୁ ଯାଞ୍ଚ

**ଅନୁଗୋଳ ଅଫିସ, ୨୩।୩**



ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଡ୍ରାଇଭରଙ୍କୁ ଧରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ଅନୁଗୋଳ ଓ ତାଳଚେର ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ତନଖି କରାଯାଉଥିବା ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଏହି ସ୍ପେଶାଲ ଡ୍ରାଇଭ ୩ ଦିନ ଧରି ଚାଲିବ। ମଦ୍ୟପାନ କରି ଗାଡ଼ି ଚଳାଉଥିଲେ ଗାଡ଼ି ଜବତ ସହ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ)କୁ ମଧ ଜବତ କରାଯିବ। ଅନୁଗୋଳରେ ପ୍ରଥମ ଦିନରେ ୬ଟି ମାମଲା ହୋଇଥିବାବେଳେ ୩ଟି ଗାଡ଼ି ଜବତ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଏଭଳି ଯାଞ୍ଚ ଜାରି ରହିଥିବା ପରିବହନ ଅଧିକାରୀ ପ୍ରକାଶ କରିଛନ୍ତି।

# ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳ ବ୍ଲକ ଖଲାରୀ ଗ୍ରାମର ରାମେଶ୍ୱର ୟୁଥ୍ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖଲାରୀ ପଞ୍ଚାୟତ ସଭାଗୃହ ଠାରେ ଏକ ସଚେତନତା ମୂଳକ ସଭା ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ପ୍ରଦୀପ କୁମାର, ସମ୍ମାନିତ ଅତିଥି ଭାବେ ଖଲାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ବାଜି ରାଉତ ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ, ସମିତି ସଭ୍ୟ ରାକେଶ ନନ୍ଦ, ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ କରୁଣାକର ସାହୁ ଏବଂ ସାମାଜିକ କର୍ମୀ ଅଜୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଳର ଠିକ୍ ଉପଯୋଗ, ଏହାକୁ ସ୍ୱଚ୍ଛ ଏବଂ ସଂରକ୍ଷଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ଲିପିକା ମହାପାତ୍ର ସଭା ପରିଚାଳନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କୃଷିମିତ୍ର, ପ୍ରାଣୀ ମିତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଥ୍ କ୍ଲବ ସମ୍ପାଦକ ସୁଶୀଲ କୁମାର ସାହୁ, ସଭ୍ୟ ରାକେଶ ରଞ୍ଜନ ସାହୁ, ଅଭିଷେକ ସାହୁ, ଅଭିଜିତ ସାହୁ, ସ୍ୱପ୍ନେଶ୍ୱର ସାହୁ, ଦୁଷ୍ମନ୍ତ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ ଏବଂ ସାମାଜିକ କର୍ମୀ ଚନ୍ଦନ ନାଏକ ପ୍ରମୁଖ ସହାୟତା କରିଥିଲେ।




ବିଶ୍ୱ ଜଳ ଦିବସ ପାଳନ ଅବସରରେ ଖଲାରୀ ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପ୍ରଦୂଷଣ ପ୍ରତି ସତର୍କ, ସଚେତନ ରୁହ

**ଅନୁଗୋଳ ଅଫିସ, ୨୩।୩**

ଜାତୀୟ ସ୍ୱଚ୍ଛ ବାୟୁ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ଜିଲା କୋଶଳାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ତଥା ପରିବେଶପ୍ରେମୀ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷା ସୁଷମା ରାଉଳ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, ପରିବେଶ ବିଜ୍ଞାନୀ ଚନ୍ଦ୍ରଶେଖର ଚହ୍ୱାନ ସାଧନ ବ୍ୟକ୍ତି ଭାବରେ ଯୋଗଦେଇ ଖଣି, ଶିଳ୍ପ, ଯାନବାହାନ ଚଳାଚଳ, ନିର୍ମାଣ କାର୍ଯ୍ୟଜନିତ ବାୟୁ ପ୍ରଦୂଷଣ ହେଉଥିବାରୁ ଏଥିପ୍ରତି ସମସ୍ତେ ସତର୍କ ଏବଂ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଦୂଷଣର ନିରାକରଣ ନେଇ ଜନଜାଗରଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଜଙ୍ଗଲ ନିଆଁ ଦ୍ୱାରା ବାୟୁ ପ୍ରଦୂଷିତ ହେଉଥିବାରୁ ଗ୍ରାମବାସୀ ଏହାର ପ୍ରତିରୋଧ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗୀ ଅନୁଷ୍ଠାନ ଭାବେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି (ନିୟୁଜ)ର ସୁବ୍ରତ କୁମାର ପ୍ରଧାନ, ରବୀନ୍ଦ୍ର ସାହୁ, ପ୍ରିୟବ୍ରତ ବେହେରା ଓ ଯଶୋବନ୍ତ ସାହୁ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା, ୨୩।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ବୁଧବାର ରାତିରେ ପଥରଗୁମ୍ଫା ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ବସନ୍ତ ଦେହୁରୀଙ୍କୁ ଗିରଫ କରିଛି। ପୋଲିସ କହିଛି, ବସନ୍ତଙ୍କ ନାମରେ ୨୦୦୦ ମସିହାରୁ ଏକ ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ଶ୍ୱଶୁରଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୨୩।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର ବନ୍ଧୁଆ ସେଠୀଙ୍କୁ ତାଙ୍କ ଜ୍ୱାଇଁ ଠାକୁରଗଡ଼ ଥାନା ପେଡିପଥର ଗ୍ରାମର ଦୃଣ ସେଠୀ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୭୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଫଟୋରେ ଖବର



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ହାଟପଦାଠାରେ ଯାଯାବର ପରିବାରର ୨ ଭଉଣୀ କୋଳରେ ବସାଇ ସାନ ଭାଇଙ୍କୁ ସ୍ନେହ କରୁଛନ୍ତି।

# କୃଷିର ବିକାଶ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ

**ବଇଣ୍ଡା, ୨୩।୩(ଡି.ଏନ.ଏ.)**

କିଶୋରନଗର ଏକ କୃଷି ବହୁଳ ଅଞ୍ଚଳ। ତେଣୁ ଏଠାରେ କୃଷିର କିପରି ବିକାଶ ହୋଇପାରିବ ସେ ନେଇ ସମସ୍ତ କୃଷି ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ବୁଧବାର କିଶୋରନଗର ବ୍ଲକ ଆମ୍ବପାଳଠାରେ ଅନୁଷ୍ଠିତ ଆତ୍ମାର ବୈଠକରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। କିଶୋରନଗର ବ୍ଲକ କୃଷି ଅଧିକାରୀ ଡିଲେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଆତ୍ମା ବ୍ଲକ ଅଧକ୍ଷ ତପନ କୁମାର ସାହୁ, ଅନ୍ୟତମ ଅତିଥି ଭାବେ କିଶୋରନଗର ସହକାରୀ କୃଷି ଅଧିକାରୀ ଦୀପ୍ତିମୟୀ ସିଂ, ବଇଣ୍ଡା ସହକାରୀ କୃଷି ଅଧିକାରୀ ଚଣ୍ଡୀପ୍ରସାଦ ମହାଳିକ, କୃଷି କର୍ମଚାରୀ ବୀରେନ ପଟ୍ଟନାୟକ, ଦୁଷ୍ମନ୍ତ ପ୍ରଧାନ, କୃଷକ ସାଥୀ ସଭାପତି ପବିତ୍ର ଦେହୁରୀ, ଉପ ସଭାପତି ବାଳକୃଷ୍ଣ ପ୍ରଧାନ, ସମ୍ପାଦକ ଅଶୋକ ପ୍ରଧାନ, ରଞ୍ଜନ ପ୍ରଧାନ, ଗଗନ ଅମାନ୍ତ, ବିଜୟ ପ୍ରଧାନ, ସଚିଦାନନ୍ଦ ବିଶ୍ୱାଳଙ୍କ ସମେତ ବହୁ କୃଷି କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଯୋଜନା କିଭଳି ଚାଷୀଙ୍କଠାରେ ପହଞ୍ଚିବ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।



# ମା'ବାୟାଣୀଙ୍କ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଛେଣ୍ଡିପଦା, ୨୩।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ମା'ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ଗୁରୁବାର ସମାପନ ହୋଇଛି। ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମ କମିଟିର ନୂତନ ସଭାପତି ଚକ୍ରଧର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ଏହା ପରିଚାଳିତ ହୋଇଥିଲା। ପ୍ରତ୍ୟୁଷରୁ ଗ୍ରାମବାସୀ ଓ ଠାକୁରାଣୀଙ୍କ ପୂଜକ କ୍ଷୀରୋଦ ଦେହୁରୀ, ଲିକୁନ କୁମାର ଦେହୁରୀ, ରଞ୍ଜନ କୁମାର ଦେହୁରୀ, ବାଲ୍ମିକୀ ଦେହୁରୀଙ୍କ ସହଯୋଗରେ ପରମ୍ପରା ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରାଯାଇଥିଲା। ଯାତ୍ରାସ୍ଥଳରେ ଭକ୍ତମାନଙ୍କ ପାଇଁ ପାତ୍ରପଡା ଗ୍ରାମବାସୀ ଓ ଗ୍ରାମର ଯୁବକ ସଂଘଙ୍କ ଦ୍ୱାରା ଅନ୍ନପ୍ରସାଦ ବଣ୍ଟନ କରାଯାଇଥିବାବେଳେ ମା'ବାୟାଣୀ କ୍ଲବର ଲୋଚନ ସାହୁ, ରବୀନ୍ଦ୍ର ଆଚାର୍ଯ୍ୟ ଓ ସଭ୍ୟମାନଙ୍କ ଦ୍ୱାରା ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ୫ଶହରୁ ଅଧିକ ମାନସିକଧାରୀ ଛୋଟ ପିଲାଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମ କମିଟି ସମ୍ପାଦକ ବିଭୂପଦ ସାହୁ, ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ସାହୁ, ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ଶେଖର ସ୍ୱାଇଁ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ପୂର୍ବତନ ଗ୍ରାମ ସଭାପତି ଚୈତନ୍ୟ ସାହୁ ଓ ସମ୍ପାଦକ ରମାକାନ୍ତ ସାହୁ, ବାସୁଦେବ ସାହୁ, କୋଷାଧକ୍ଷ ଯଦୁମଣି ସାହୁ, ଘାଷିରାମ ସାହୁ, ବୀରବର ସାହୁ, ଜଗବନ୍ଧୁ ସାହୁ, ବାନାମ୍ବର ସାହୁ, ଭଜମନ ସାହୁ, ବେଣୁଧର ସାହୁ, ଲିକୁନ ସାହୁ, ଡିଲେଶ୍ୱର ସାହୁ, ପେଜୁ ନାଏକ, କାଳିଆ ନାଏକ ଓ ପୂଜା କମିଟିର ଅନ୍ୟ ସଦସ୍ୟ ପ୍ରମୁଖଙ୍କ ସମେତ ୫୦ରୁ ଅଧିକ ଗ୍ରାମର ସଭ୍ୟ ଯୋଗଦେଇ ସହଯୋଗ କରିଥିଲେ। ଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍ ବିଭାଗ (ଟାଟା ପାୱାର)ପକ୍ଷରୁ ଅଧିକାରୀ ଜିତେନ କୁମାର ସାହୁ ଓ ହାପି ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଛେଣ୍ଡିପଦା ଓ ବାଗଡିଆ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।



ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ମା'ବାୟାଣୀଙ୍କ ଯାତ୍ରାସ୍ଥଳ ଶ୍ରଦ୍ଧାଳୁମୟ।

# ଝଲସିବ 'ସପ୍ତଶଯ୍ୟା'

■ମନ୍ଦିର ପର୍ଯ୍ୟନ୍ତ ହେବ ଆଲୋକୀକରଣ
■ଝରଣା ପାର୍ଶ୍ୱରେ କରାଯିବ ପଥର ପ୍ୟାକିଂ
■ପୀଠ ନିକଟରେ ବିଶ୍ରାମାଗାର ନିର୍ମାଣ ନିଷ୍ପତ୍ତି

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ 'ସପ୍ତଶଯ୍ୟା' ଝଲସିବ। ଏହାର ସାମଗ୍ରିକ ଉନ୍ନତୀକରଣ ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଏକ ପ୍ରତିନିଧି ଦଳ ବୁଧବାର ଅପରାହ୍ଣରେ 'ସପ୍ତଶଯ୍ୟା'ରେ ପହଞ୍ଚି ଭିତ୍ତିଭୂମି ସମୀକ୍ଷା କରିଛନ୍ତି।

ବନପାହାଡ଼ ସବୁଜିମା ଘେରା 'ସପ୍ତଶଯ୍ୟା'ର ପ୍ରବେଶ ଦ୍ୱାର ତଥା ଫରେଷ୍ଟ ବିଟ୍ ହାଉସ୍ ନିକଟରୁ ମନ୍ଦିର ପର୍ଯ୍ୟନ୍ତ କେବୁଲ ବିଛାଯାଇ ବିଦ୍ୟୁତୀକରଣ ହେବ। କେବଳ ମନ୍ଦିର ନୁହେଁ, ସମଗ୍ର ପିକ୍‌ନିକ୍ ସ୍ପଟ୍‌କୁ ଆଲୋକୀକରଣ କରାଯିବ। ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରବାହିତ ପ୍ରାକୃତିକ ବନଝରଣା ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଲାଗି ଯୋଜନା କରାଯାଇଛି। ମୃତ୍ତିକା କ୍ଷୟ ରୋକିବା ପାଇଁ ଝରଣାର ଦୁଇପାର୍ଶ୍ୱରେ ସୁଦୃଢ଼ ପଥର ପ୍ୟାକିଂ କରାଯିବ। ପୀଠ ପରିସରରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ହେବ। ଆଗନ୍ତୁକଙ୍କ ଯାତ୍ରାକୁ ସ୍ମୃତିମଧୁର କରିବା ପାଇଁ ପିକ୍‌ନିକ୍ ସ୍ପଟ ଓ ମନ୍ଦିର ପରିସରରେ ଦୁଇଟି ସେଲ୍‌ଫି ପଏଣ୍ଟ ରହିବ। ଏହାକୁ ବାଦ୍‌ଦେଲେ ଫରେଷ୍ଟ ବିଟ୍ ହାଉସଠାରୁ ମନ୍ଦିର ପାହାଚ ଯାଏ ଆକର୍ଷଣୀୟ ରାସ୍ତା ନିର୍ମାଣ କରାଯିବ। ବଣଭୋଜି ସ୍ଥଳ ତଥା ଜେନାଦେଇ ଠାକୁରାଣୀଙ୍କ ନିକଟରେ ଯାନବାହନ ପାର୍କିଂ ବ୍ୟବସ୍ଥା କରାଯିବ। ପିଣ୍ଡି ଏବଂ ଏହାର ଆଖପାଖ ଅଞ୍ଚଳକୁ ପରିଷ୍କାର, ପରିଚ୍ଛନ୍ନ ରଖାଯିବ। ଏହାର ଆବଶ୍ୟକ ଉନ୍ନତିକରଣକୁ ଅଗ୍ରାଧିକାର ଦିଆଯିବ। ଆବଶ୍ୟକତା ଦୃଷ୍ଟିରୁ ନୂତନ ପିଣ୍ଡି ନିର୍ମାଣ କରାଯିବ। ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ବଣଭୋଜି ସ୍ଥଳ ଓ ମନ୍ଦିର ପାଖରେ ୨ଟି ଗଭୀର ବୋରୱେଲ ଖନନ ହେବ। ପ୍ରମୁଖ ରାସ୍ତାରୁ ପର୍ଯ୍ୟଟନସ୍ଥଳୀ ରାସ୍ତା ଯାଏ ସାଇନେଜ୍ ବ୍ୟବସ୍ଥା କରାଯିବ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ବିନା କୌଣସି ସମସ୍ୟାରେ ପୀଠରେ ପହଞ୍ଚିପାରିବେ। 'ସପ୍ତଶଯ୍ୟା'ର ବିକାଶ ନିମନ୍ତେ ପର୍ଯ୍ୟଟନ ବିଭାଗ ନିକଟରେ ୪ କୋଟି ୮୦ ଲକ୍ଷ ଟଙ୍କା ମହଜୁଦ୍ ରହିଛି। ସପ୍ତଶଯ୍ୟା ସମେତ ଜିଲାର ୬ ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ୫୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଉକ୍ତ ଅର୍ଥରୁ ୫ କୋଟି ଟଙ୍କା ଏଠାରେ ବିନିଯୋଗ କରାଯିବାକୁ ଯୋଜନା ରହିଛି।

ସପ୍ତଶଯ୍ୟାର ବିକାଶ ପାଇଁ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଗଠିତ କମିଟିର ଅଧ୍ୟକ୍ଷା ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ନେତୃତ୍ୱରେ ଉକ୍ତ ପ୍ରତିନିଧି ଦଳ ସପ୍ତଶଯ୍ୟା ପରିଦର୍ଶନ କରିଥିଲେ। ଉକ୍ତ ଟିମ୍‌ରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ସହକାରୀ ବନ ସଂରକ୍ଷକ ସୁବ୍ରତ ପାତ୍ର, ସଦର ବିଡିଓ ସୁଧୀର ନାୟକ, ସହକାରୀ ଦେବୋତ୍ତର ଅଧିକାରୀ ହରିହର ପଞ୍ଚୁଆତି, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ଜେନା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ମଧ୍ୟରେ 'ସପ୍ତଶଯ୍ୟା' ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପର୍ଯ୍ୟଟନ ଋତୁରେ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେବାକୁ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଏହାକୁ ବାଦ୍‌ଦେଲେ ଏଠାରେ ରାମନବମୀ, ହନୁମାନ ଜୟନ୍ତୀ, କାର୍ତ୍ତିକ ପୂର୍ଣ୍ଣିମା, ଦଶହରା ଆଡମ୍ବର ସହକାରେ ପାଳନ କରାଯାଏ। ତଥାପି ଏଭଳି ଐତିହ୍ୟସମ୍ପନ୍ନ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ବିଳମ୍ବରେ ହେଲେ ମଧ୍ୟ ଜିଲା ପର୍ଯ୍ୟଟନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।


'ସପ୍ତଶଯ୍ୟା'ରେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଭିତ୍ତିଭୂମିର ସମୀକ୍ଷା କରୁଛନ୍ତି।


ସାପ ଉଦ୍ଧାରକାରୀ ଦଳର ସଦସ୍ୟମାନଙ୍କ ଦ୍ୱାରା ଉଦ୍ଧାର ଅହିରାଜ।

# ୧୨ ଫୁଟର ଅହିରାଜ ଉଦ୍ଧାର

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳ ଜିଲା ଗଁଦିଆ ଥାନା କପିଳାସ ରେଞ୍ଜ୍‌ର ଚଟିଘର ଗ୍ରାମ ମୁଣ୍ଡାସାହିରୁ ଗୁରୁବାର ସକାଳେ ଏକ ୧୨ ଫୁଟ ଲମ୍ବର ଅହିରାଜକୁ ବନ୍ୟପ୍ରାଣୀ ଉଦ୍ଧାରକାରୀ ଦଳର ସଦସ୍ୟ ଉଦ୍ଧାର କରିଛନ୍ତି। ସାପଟିର ଆନୁମାନିକ ବୟସ ୨ରୁ ୩ ବର୍ଷ ମଧ୍ୟରେ ହେବ। ଖାଦ୍ୟ ଅନ୍ୱେଷଣରେ ଉକ୍ତ ଅହିରାଜ ଜଙ୍ଗଲରୁ ଜନବସତିକୁ ଆସି ଜଣେ ବ୍ୟକ୍ତିଙ୍କ ଘରେ ପଶିଯାଇଥିଲା। ସୂଚନା ପାଇ ସାପ ଉଦ୍ଧାରକାରୀ ଦଳର ସଦସ୍ୟ ସୌମ୍ୟଜିତ୍ ରଥ, ସୂର୍ଯ୍ୟକାନ୍ତ ବେହେରା, ଦୀପକ କୁମାର ସିଂ ପ୍ରମୁଖ ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବନ କର୍ମଚାରୀଙ୍କ ଉପସ୍ଥିତିରେ ସାପଟିକୁ ତପୋବନ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

# ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଢେଙ୍କାନାଳ ଚାମ୍ପିୟନ

## ରାଜ୍ୟ ଆନ୍ତଃ ସ୍କୁଲ ବ୍ୟାଡ୍‌ମିଣ୍ଟନ

ଢେଙ୍କାନାଳ ଅଫିସ, ୨୩।୩

ଭୁବନେଶ୍ୱର କିଟ୍ ପରିସରରେ ଅନୁଷ୍ଠିତ ରାଜ୍ୟ ଆନ୍ତଃ ସ୍କୁଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଢେଙ୍କାନାଳ ଜିଲାର ପ୍ରତିଯୋଗୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବର୍ଗର ଉଭୟ ଡବଲ୍ସ ଏବଂ ସିଙ୍ଗଲ୍ସରେ ଢେଙ୍କାନାଳ ଚାମ୍ପିୟନ ହୋଇଛି। ଢେଙ୍କାନାଳ ଏବଂ କୋରାପୁଟ ମଧ୍ୟରେ ଅନୁଷ୍ଠିତ ବାଳକ ବର୍ଗ ସିଙ୍ଗଲ୍ସ ଫାଇନାଲରେ ବିଭୁଦତ୍ତ ବିଶ୍ୱାଳ ଓ ଡବଲ୍ସରେ ମୟଙ୍କ ପଟ୍ଟନାୟକ ଓ ବିଭୁଦତ୍ତ ବିଶ୍ୱାଳ କୋରାପୁଟ ଜିଲାର ପ୍ରତିପକ୍ଷଙ୍କୁ ୨–୦ ସେଟ୍‌ରେ ହରାଇ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଜ୍ୟୋତି ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ମ୍ୟାନେଜର ଦୁଷ୍ମନ୍ତ ସେଠୀ, ସରିତା ବିଶ୍ୱାଳ ଏବଂ ପ୍ରତିଯୋଗୀମାନେ ଟୁର୍ନାମେଣ୍ଟରେ ଅଂଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।



ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

# କୂଅରେ ଖସିପଡ଼ି ମହିଳାଙ୍କ ଜୀବନ ଗଲା

କାମାକ୍ଷାନଗର, ୨୩।୩(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ଗୁରୁବାର ଭୋର୍ ସମୟରେ କୂଅରେ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିହଲି ବାରିକ (୬୫)। ଅସାବଧାନତାରୁ ସେ ଘର ପାଖରେ ଥିବା ଏକ ୩୦ ଫୁଟ ଗଭୀର କୂଅରେ ଖସିପଡ଼ିଥିଲେ। କାମାକ୍ଷାନଗର ଅଗ୍ନିଶମ ବାହିନୀଠାରୁ ସୂଚନା ପାଇ ଢେଙ୍କାନାଳରୁ ଫାୟାରମ୍ୟାନ ଗୁରୁଚରଣ ସାହୁ ଓ ଅଜୟ କୁମାର ସାହୁ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।


ଢେଙ୍କାନାଳ ମିନାବଜାର ପୂଜା ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡର ନୂତନ କର୍ମକର୍ତ୍ତାମାନେ।

# ମିନାବଜାର ଟ୍ରଷ୍ଟବୋର୍ଡର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳ ମିନାବଜାର ପୂଜା ପ୍ରତିଷ୍ଠାନ ଟ୍ରଷ୍ଟବୋର୍ଡର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ କମିଟି ସଭାଗୃହରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଭାବେ ଲୁଲୁ ପଟ୍ଟନାୟକ, ଉପାଧ୍ୟକ୍ଷ ଭାବେ ବିରଞ୍ଚି ନାରାୟଣ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ବେହେରା, କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ଟ୍ରଷ୍ଟି ଭାବେ ସମଦ୍ ବେଗ୍, ପରମେଶ୍ୱର ରାଓ, ହୃଦାନନ୍ଦ ବେହେରା, ହେମନ୍ତ ପଟ୍ଟନାୟକ, ଗିରୀଶ ଶଙ୍କର ସାହୁ, ପ୍ରଶାନ୍ତ କୁମାର ଭଞ୍ଜ, ରାଜେନ୍ଦ୍ର ହିଣ୍ଡୋଚା, କୃଷ୍ଣଚନ୍ଦ୍ର ଦେବତା, ଦିଲୀପ ସାହୁ ମନୋନୀତ ହୋଇଛନ୍ତି। କମିଟି ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ପୀତବାସ ସାହୁ ସଭ୍ୟ ଭାବେ ଚୟନ ହୋଇଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ରବିନାରାୟଣ ପଟ୍ଟନାୟକ, ଦୟାନିଧି ବେହେରା, ବୀରବର ସାହୁ, ନରେନ୍ଦ୍ର ସାହୁ, ସୁଧାଂଶୁ ସାହୁ, ସାଇ ପ୍ରସାଦ ଦଳେଇ ମନୋନୀତ ହୋଇଛନ୍ତି।

# ୨୫ ଫୁଟ କୂଅରୁ ବାଳକ ଉଦ୍ଧାର

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ କତକମଡ଼ା ଗ୍ରାମର ଏକ ୨୫ ଫୁଟ ଗଭୀର କୂଅରେ ଖସି ପଡ଼ିଥିବା ଜଣେ ବାଳକଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ବୁଧବାର ରାତି ପ୍ରାୟ ୯ଟା ୧୫ରେ ଗ୍ରାମର ସଞ୍ଜୟ ନାୟକ ଅସାବଧାନତାବଶତଃ କୂଅକୁ ଖସିପଡ଼ିଥିଲେ। ସୂଚନା ପାଇ ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ ସାମଲ ବିଭାଗୀୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଫାୟାରମ୍ୟାନ ପ୍ରଭାସ ବେହେରା ଦଉଡ଼ି ଏବଂ ଲାଡର ସହାୟତାରେ ସଞ୍ଜୟଙ୍କୁ ଉଦ୍ଧାର କରିଥିଲେ।

# ଜଳର ସଦ୍‌ବିନିଯୋଗ ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ, ୨୩।୩




ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ମକୁଆକାଟେଣୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଏବଂ ମୁମ୍ବାଇର ସ୍ୱେଚ୍ଛାସେବୀ ସଂସ୍ଥା 'ଆନିମେଧ ଚାରିଟେବୁଲ ଟ୍ରଷ୍ଟ'ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ରମେଶ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ ଦାସ, ଜିଲା ଜଳ ଓ ପରିମଳ ମିଶନର ସରିତା ପତି, ସ୍ମୃତିରଞ୍ଜନ ତ୍ରିପାଠୀ, 'ଶୋଭା'ର ମୁଖ୍ୟ ଉଦୟେନ୍ଦୁ ମିଶ୍ର, ଏମ୍‌ଭିକେ ପ୍ରିୟଙ୍କା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜଳର ସଦ୍‌ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ମହିଳାଙ୍କୁ ଜଳ ସଂରକ୍ଷଣ ଉପରେ ଶପଥ ପାଠ କରାଯାଇଥିଲା। ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ଅଞ୍ଚଳର ଛାତ୍ରୀଛାତ୍ର ଏବଂ ଏସ୍‌ଏଚ୍‌ଜି ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆନିମେଧ ଚାରିଟେବୁଲ ଟ୍ରଷ୍ଟର କୋଅର୍ଡିନେଟର ରବି ନାରାୟଣ ଷଡ଼ଙ୍ଗୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ଭାରତୀୟ ସଂସ୍କୃତି ସର୍ବଦା ସମୃଦ୍ଧ

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ବିଦ୍ୟାମନ୍ଦିରରେ ବୁଧବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦିକା ବନଲତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ନରେଶ ନାୟକ, ମୁଖ୍ୟବକ୍ତା ବରିଷ୍ଠ ଗୁରୁଜୀ ଗଗନ ବିହାରୀ ନାୟକ ଯୋଗଦେଇ କହିଲେ, ଭାରତୀୟ ସଂସ୍କୃତି, ପରମ୍ପରା ସର୍ବଦା ସମୃଦ୍ଧ। ଏହାର ସୁରକ୍ଷା କରିବା ଯୁବପିଢ଼ିଙ୍କ ପ୍ରଥମ ଦାୟିତ୍ୱ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ, ସୁଧାକର ପଣ୍ଡା ଆଲୋଚନାରେ ଭାଗନେଇ ବିଦେଶୀ ସଂସ୍କୃତିର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟୁତ୍ ପରିଷଦ ସଭାପତି ବିଶ୍ୱେଶ୍ୱର ସାହୁ, ନାଧରାର ପୂର୍ବତନ ସରପଞ୍ଚ ସହଦେବ ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ସନ୍ତୋଷ ମହାଭୋଇ, ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ରଶ୍ମିତା ସାହୁ ଅତିଥି ପରିଚୟ ଦେଇଥିବାବେଳେ ଆଚାର୍ଯ୍ୟ ନିର୍ମଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲରେ ପଡ଼ି ଯୁବକ ମୃତ

## ବ୍ରିଜ୍‌ରେ ପିଟିହେଲା ବାଇକ୍

ଢେଙ୍କାନାଳ ଅଫିସ, ୨୩।୩

ଢେଙ୍କାନାଳ ସଦର ଥାନା ପଦ୍ମନାଭପୁର ରାସ୍ତାର ବ୍ରିଜ୍‌ରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ସୋମପଡ଼ା ଅଞ୍ଚଳର ପ୍ରଶାନ୍ତ ପ୍ରଧାନ (୨୫)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ପ୍ରଶାନ୍ତ ଏକ ବାଇକ୍‌ରେ (ନଂ. ଓଡ଼ି ୦୫ ଏଆର ୪୩୫୨) ଢେଙ୍କାନାଳରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଛାଡ଼ିବାକୁ ଆସିଥିଲେ। ଘରକୁ ଫେରୁଥିବାବେଳେ ସେ ବ୍ରିଜ୍‌ରେ ପିଟି ହୋଇ କେନାଲକୁ ଖସିପଡ଼ିଥିଲେ। ଦ୍ରୁତଗତି ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଢେଙ୍କାନାଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସଦର ଥାନା ଓ ଭାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।


ଦୁର୍ଘଟଣାଗ୍ରସ୍ତ ବାଇକ୍।

# କୁନୁଆଁରେ ସାପ୍ତାହିକ ହାଟ ଆରମ୍ଭ



ସରପଞ୍ଚ ସାପ୍ତାହିକ ହାଟକୁ ଉଦ୍‌ଘାଟନ କରୁଛନ୍ତି (ବାମ)। ହାଟରେ ବ୍ୟବସାୟ କରିବାକୁ ଆସିଥିବା ପରିବା ବ୍ୟବସାୟୀମାନେ।

ରାସୋଳ, ୨୩।୩(ଡି.ଏନ୍.ଏ.)

ଆଞ୍ଚଳିକ ବ୍ୟବସାୟୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କୁନୁଆଁଠାରେ ଶୁଭାରମ୍ଭ ହୋଇଛି ସାପ୍ତାହିକ ହାଟ। ପୁରୁଣା କଟକ–ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଅବସ୍ଥିତ ମା' ସୁକିଆ ବାଉତୀଙ୍କ ପୀଠ ନିକଟରେ ଥିବା ସରକାରୀ ଜମିରେ ପ୍ରତି ଗୁରୁବାର ଏହି ହାଟରେ ବ୍ୟବସାୟ ହେବ। ସରପଞ୍ଚ ନିରଞ୍ଜନ ସାମଲ ଆନୁଷ୍ଠାନିକ ଭାବେ ଏହାକୁ ଲୋକାର୍ପଣ କରିଥିଲେ।

ଅଞ୍ଚଳର ପରିବା ଚାଷୀ, ଜଳଖିଆ ବ୍ୟବସାୟୀ, ଫଳ ବ୍ୟବସାୟୀମାନେ ଏଠାରେ ସୁବିଧାରେ ବ୍ୟବସାୟ କରିପାରିବେ। ସକାଳୁ ମଧ୍ୟାହ୍ନ ଯାଏ ହାଟ ଖୋଲାରହିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଥମ ଦିବସରେ ୧୦୦ ଜଣ ବ୍ୟବସାୟୀ ହାଟକୁ ଆସିଥିଲେ। ପଞ୍ଚାୟତ ପକ୍ଷରୁ ଖୁବ୍‌ଶୀଘ୍ର ପିଣ୍ଡି ବ୍ୟବସ୍ଥା କରାଯିବ। ବ୍ୟବସାୟୀଙ୍କ ପାଇଁ ହାଟ ପରିସରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

